# ବିଜୁ କନ୍ୟାରତ୍ନ ଯୋଜନା

## (ଆମ କନ୍ୟା ଆମ ରତ୍ନ)

ଓଡ଼ିଶା ସରକାର ରାଜ୍ୟରେ ଶିଶୁମାନଙ୍କର ଲିଙ୍ଗ ଅନୁପାତ କମିଯିବା ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ । ଏହି ସଂକ୍ରାନ୍ତରେ ଓଡ଼ିଶା ସରକାର ରାଜ୍ୟ ବାଳିକା ଓ ମହିଳା ନୀତି, ୨୦୧୪ ମାଧ୍ୟମରେ ବାଳିକା ମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଲିଙ୍ଗଗତ ପକ୍ଷପାତିତା ଦୂର କରିବା ଏବଂ ସାମାଜିକ ବ୍ୟବହାର ପରିବର୍ତ୍ତନ ମାଧ୍ୟମରେ କିଶୋରୀମାନଙ୍କୁ ସଶକ୍ତ କରିବା ନିମନ୍ତେ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । କିଶୋରୀ ଏବଂ ମହିଳା ମାନଙ୍କର ବିକାଶ ଏବଂ ସଶକ୍ତିକରଣ ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯାଇଛି ।

ଅଭିଯାନ ମାଧ୍ୟମରେ ନିର୍ଦ୍ଦିଷ୍ଟଭାବରେ କନ୍ୟା ଶିଶୁଙ୍କ ଲିଙ୍ଗ ଅନୁପାତ କମିଯିବା ସମସ୍ୟାର ସମାଧାନ କରିବା, କନ୍ୟା ଶିଶୁ ଜନ୍ମନେବା, ବଞ୍ଚିରହିବା ଏବଂ ସେମାନଙ୍କର ବିକାଶ ନିମନ୍ତେ, ଗୋଷ୍ଠୀ ଏବଂ ସମସ୍ତ କାର୍ଯ୍ୟକାରୀ ସଂସ୍ଥାଙ୍କୁ ଏକତ୍ରିତ କରାଇବାରେ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟ କରିବ ।

**ବିଜୁ କନ୍ୟା ରତ୍ନ ଯୋଜନା** (ଆମ କନ୍ୟା ଆମ ରତ୍ନ) ନାମରେ ଏକ ନୂତନ ଯୋଜନା ରାଜ୍ୟର ଅନୁଗୁଳ, ଢ଼େଙ୍କାନାଳ ଏବଂ ଗଞ୍ଜାମ ଜିଲ୍ଲାରେ ୨୦୧୬-୧୭ ବର୍ଷ ଠାରୁ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

## ମୁଖ୍ୟ ଉଦ୍ଦେଶ୍ୟ

କନ୍ୟା ଶିଶୁ ବଞ୍ଚିରହିବା ଏବଂ ସେମାନଙ୍କର ବିକାଶ ନିମନ୍ତେ ସକ୍ଷମକାରୀ ପରିବେଶ ସୃଷ୍ଟି କରିବା ଏବଂ ସେମାନଙ୍କର ସମ୍ମାନ ବଜାୟ ରଖିବା ।

## ଯୋଜନାର ଲକ୍ଷ୍ୟ

୧) ଲିଙ୍ଗଗତ ତାରତମ୍ୟ ଜନିତ ଲିଙ୍ଗ ନିରୂପଣ ରୋକିବା ।

୨) କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି, ନିରାପତ୍ତା ଏବଂ ବଞ୍ଚିରହିବା ସୁନିଶ୍ଚିତ କରିବା ।

୩) କନ୍ୟା ଶିଶୁମାନେ ବିଦ୍ୟାଳୟକୁ ଯିବା ଏବଂ ବିଦ୍ୟାଳୟରେ ଉପସ୍ଥାନ ହାର ବଢ଼ାଇବା ନିଶ୍ଚିତ କରିବା ।

୪) କନ୍ୟା ଶିଶୁର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀ ଏବଂ ସମସ୍ତ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ସଚେତନତା ବୃଦ୍ଧି କରିବା ।

୫) କନ୍ୟାମାନେ ସେମାନଙ୍କର ମତ ପରିପ୍ରକାଶ କରିବା ଏବଂ ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସଫଳତାର ସହ ଏବଂ ସମକକ୍ଷ ହୋଇ ଅଂଶଗ୍ରହଣ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ।

## ଯୋଜନାରେ ୪ଟି ଗୁରୁତ୍ୱପୂର୍ଣ୍ଣ ଅଂଶ

୧. ଅନ୍ତଃ ବିଭାଗ ସମନ୍ୱୟ

୨. ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

୩. ଅଭିନବ ପ୍ରକ୍ରିୟା

୪. ତଥ୍ୟ ଶିକ୍ଷା ଏବଂ ସୂଚନା କାର୍ଯ୍ୟକ୍ରମ

